OFFICE OF THE TAHASILDAR
Without Prejudice
KEONJHAR

# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.-୩୬/୨୦୨୫

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ Tech Business Park ନିର୍ମାଣ କରିବା ପାଇଁ Assistant Director (Law), Electronics & Information Technology, Bhubaneswar ଆବେଦନ କରିଛନ୍ତି । ଉକ୍ତ ସରକାରୀ ଜମି ସର୍ବସାଧାରଣ ଖାତାରେ ଥାଇ କିସମ ବଗାୟତ-୨, ଶାରଦ-୨ ଓ ଶାରଦ-୩ ଅଛି । ଏଣୁ ଆବେଦନ କରିଥିବା ଜମିର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତ ପ୍ରସ୍ତାବ ଅନୁଯାୟୀ ଏହାର ଖାତା ଓ କିସମ ର ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡିଛି । ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

### ତଫସିଲ

### ମୌଜା- ମାଳିଗାଁ

| ହାଲ ମୁତାବକ | | | | ପ୍ରସ୍ତାବିତ ଅନୁଯାୟୀ | | | |
|---|---|---|---|---|---|---|---|
| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ଖାତା ନଂ | ପ୍ଲଟ ନଂ | କିସମ | ପ୍ରସ୍ତାବିତ ରକବା (ଏକରରେ) |
| ୭୩ (ସର୍ବସାଧାରଣ) | ୨୧୫ | ବଗାୟତ -୨ | ୧.୬୦୦ | ୭୪ (ଆବଦ ଯୋଗ୍ୟ ଅନାବାଦି) | ୨୧୫/୧ | ପତିତ | ୦.୩୦୦ |
| | ୨୧୬ | ଶାରଦ -୩ | ୧.୦୫୦ | | ୨୧୬/୧ | ପତିତ | ୦.୭୦୦ |
| | ୨୧୭ | ଶାରଦ-୩ | ୦.୯୦୦ | | ୨୧୭ | ପତିତ | ୦.୯୦୦ |
| | ୨୧୮ | ବଗାୟତ -୨ | ୦.୩୮୦ | | ୨୧୮ | ପତିତ | ୦.୩୮୦ |
| | ୨୧୯ | ଶାରଦ-୨ | ୦.୯୮୦ | | ୨୧୯ | ପତିତ | ୦.୯୮୦ |
| | ୨୨୦ | ଶାରଦ-୩ | ୧.୩୦୦ | | ୨୨୦ | ପତିତ | ୧.୩୦୦ |
| | | | | | | ମୋଟ୍: | ୪.୫୬୦ |

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ୍ର ଦ୍ୱାରା ପ୍ରଚାରପ୍ରସାର ପାଇଁ / ପ୍ରେରିତ କରାଗଲା/ ଅନ୍ୟ ଏକକିତା ନକଲ District Website: https://kendujhar.odisha.gov.in ରେ ପ୍ରକାଶନ ପାଇଁ /ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର, କେନ୍ଦୁଝର

TAHASILDAR
KEONJHAR

Scanned with OKEN Scanner